# ଅଧ୍ୟାୟ ୪

## ଭାଗ-୧

## ପାଠର ନାମ—ଓଡ଼ିଶାର ସାଂସ୍କୃତିକ ଐତିହ୍ୟ


୪.0 ଉଦ୍ଦେଶ୍ୟ

୪.୧ ଉପକ୍ରମଣିକା

୪.୨ ମୂଳପାଠର ପ୍ରଥମ ଭାଗ

୪.୨.୧ ମୂଳପାଠର ପ୍ରଥମ ଭାଗ ଉପରେ ପ୍ରଶ୍ନାବଳୀ

୪.୨.୨ ମୂଳପାଠର ପ୍ରଥମ ଭାଗ ଉପରେ ବ୍ୟାକରଣଗତ ପ୍ରଶ୍ନାବଳୀ

୪.୩ ମୂଳପାଠର ଦ୍ୱିତୀୟ ଭାଗ

୪.୩.୧ ମୂଳପାଠର ଦ୍ୱିତୀୟ ଭାଗ ଉପରେ ପ୍ରଶ୍ନାବଳୀ

୪.୩.୨ ମୂଳପାଠର ଦ୍ୱିତୀୟ ଭାଗ ଉପରେ ବ୍ୟାକରଣଗତ ପ୍ରଶ୍ନାବଳୀ

୪.୪ ମୂଳପାଠର ଶେଷ ଭାଗ

୪.୪.୧ ମୂଳପାଠର ଶେଷ ଭାଗ ଉପରେ ପ୍ରଶ୍ନାବଳୀ

୪.୪.୨ ମୂଳପାଠର ଶେଷ ଭାଗ ଉପରେ ବ୍ୟାକରଣଗତ ପ୍ରଶ୍ନାବଳୀ

୪.୪.୩ ସମ୍ପୂର୍ଣ୍ଣ ମୂଳପାଠ ଉପରେ ପ୍ରଶ୍ନାବଳୀ

୪.୪.୪ ସମ୍ପୂର୍ଣ୍ଣ ମୂଳପାଠ ଉପରେ ବ୍ୟାକରଣଗତ ପ୍ରଶ୍ନାବଳୀ

୪.୫ ସାରାଂଶ

୪.୬ ଶବ୍ଦାର୍ଥ

୪.୭ ପଠନ ଅଭ୍ୟାସ

୪.୮ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତର

୪.୯ ଉତ୍ତର ପ୍ରଦାନ ପାଇଁ ପ୍ରଶ୍ନାବଳୀ


## ୪.0 ଉଦ୍ଦେଶ୍ୟ

ଓଡ଼ିଶା ଭାରତର ପୂର୍ବ ଉପକୂଳରେ ଅବସ୍ଥିତ ପ୍ରାଚୀନ ରାଜ୍ୟ । ଏହାର କ୍ଷେତ୍ରଫଳ ୧୫୫,୮୬୦ ବର୍ଗ କିଲୋମିଟର ଓ ଜନସଂଖ୍ୟା ୨ କୋଟି ୬୨ ଲକ୍ଷ ୭୨ ହଜାର । କ୍ଷେତ୍ରଫଳ ଦୃଷ୍ଟିରୁ ଏହା ପୃଥିବୀର ବହୁ ସ୍ୱାଧୀନ ଦେଶଠାରୁ ବଡ଼ ଏବଂ ଜନସଂଖ୍ୟା ଦୃଷ୍ଟିରୁ ମଧ୍ୟ କାନାଡ଼ା, ସୁଇଡେନ, ଅଷ୍ଟ୍ରିଆ, ସିରିଆ, ପର୍ତ୍ତୁଗାଲ, ଗ୍ରୀସ୍, ବୁଲଗେରିଆ, ପୂର୍ବ-ଜର୍ମାନୀ, ଆଫଗାନିସ୍ଥାନ ପ୍ରଭୃତି ବହୁ ସ୍ୱାଧୀନ ଦେଶଠାରୁ ବୃହତ୍ତର । ଏଠାରେ ବହୁ ପ୍ରାଚୀନ ଦୁର୍ଗ, ଗୁମ୍ଫା, ମନ୍ଦିର ନିର୍ମିତ ହୋଇଛି । ଏହାର ଶିଳ୍ପ, କଳା, ଭାଷା, ସାହିତ୍ୟ ଓ ସଂସ୍କୃତି ସମୃଦ୍ଧ । ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଉପରେ ଆଲୋକପାତ କରିବା ଏହି ପାଠର ଉଦ୍ଦେଶ୍ୟ ।

## ୪.୧ ଉପକ୍ରମଣିକା

ମନୁଷ୍ୟ ଏକାକୀ ରହିବାକୁ ଚାହେଁ ନାହିଁ । ବହୁଲୋକ ପରସ୍ପର ସହିତ ସମ୍ପର୍କ ରଖି ମିଳିମିଶି ସମାଜ ବାନ୍ଧି ରହନ୍ତି । ସେଥିପାଇଁ ମନୁଷ୍ୟକୁ ଗୋଟିଏ ସାମାଜିକ ପ୍ରାଣୀ ବୋଲି କୁହାଯାଏ । ସେ ସମାଜରେ ଭଲ ମନ୍ଦ ବିଚାର ଘେନି ଚଳେ । ଏହା ସମସ୍ତଙ୍କର ସାମୂହିକ ବିଚାର । କେଉଁ ସମାଜ କାହାକୁ ଭଲ ବୋଲି ଭାବେ, କାହାକୁ ମନ୍ଦ ବୋଲି ଭାବେ, ତାହା ତାର ଜୀବନର ଆଦର୍ଶ ଓ ମୂଲ୍ୟବୋଧ ଉପରେ ନିର୍ଭର କରେ । ପ୍ରତ୍ୟେକ ସମାଜର ଚିନ୍ତା ଓ ବିଶ୍ୱାସ ଏବଂ ପରସ୍ପର ସହିତ ମିଳିମିଶି ଚଳିବା ଉପରେ ସମାଜର ସ୍ୱାସ୍ଥ୍ୟ ନିର୍ଭର କରେ । ଗୋଟିଏ ବଡ଼ ସମାଜରେ ଅନେକ ଗୋଷ୍ଠୀ ଥାଆନ୍ତି, ସେମାନେ ପରସ୍ପର ସହିତ ମିଳିମିଶି ଚଳିଲେ ସମାଜର ବିକାଶ ସମ୍ଭବ ହୁଏ । ସେମାନେ ପ୍ରାକୃତିକ ଅବଦାନଗୁଡ଼ିକର ଉପଯୋଗ କରି ସୁଖ ସ୍ୱାଚ୍ଛନ୍ଦ୍ୟରେ ଚଳନ୍ତି ଓ ମିଳିତ ଭାବରେ ସାମୂହିକ କୀର୍ତ୍ତି ଗଢ଼ନ୍ତି ।

ମନୁଷ୍ୟ ସମାଜ ଭିତରେ ଥାଇ ଦେବଦେବୀ ଧାରଣା, ଧର୍ମ ବିଶ୍ୱାସ, କିମ୍ବଦନ୍ତୀ ପ୍ରଭୃତି ସୃଷ୍ଟି କରେ । ଏହି ସବୁକୁ ଘେନି ତାର ସାମାଜିକ ଜୀବନଯାପନ ପ୍ରଣାଳୀ, ଚଳଣି ଓ ପରମ୍ପରାର ବିକାଶ ଘଟେ । ଏ ସମସ୍ତ ସଂସ୍କୃତିର ଅନ୍ତର୍ଗତ । କ୍ରମେ ସମାଜ ସୁସଙ୍ଗଠିତ ହୁଏ । ସଂସ୍କୃତି ଅଧିକ ବିକଶିତ ହୁଏ, ସରକାର ଗଠିତ ହୁଏ, ସାମାଜିକ ଜୀବନର ବହୁ ସ୍ତର ସୃଷ୍ଟି ହୁଏ, ସରକାର ଅନୁଭବ କରେ ଯେ ଦଳେ ଲୋକଙ୍କୁ ପେଟପାଟଣା ପାଇଁ ଖଟିବାକୁ ନ ଦେଇ ଜ୍ଞାନ ଚର୍ଚ୍ଚା, ଶିଳ୍ପ, ସାହିତ୍ୟ, ସଙ୍ଗୀତ ସୃଷ୍ଟି ପାଇଁ ଉତ୍ସାହିତ କରିବା ଦରକାର । ସେମାନଙ୍କୁ ସୁବିଧା ଯୋଗାଇ ଦିଆଯାଏ । କ୍ରମେ କାରିଗରୀ ବିଦ୍ୟା ଓ ବିଜ୍ଞାନର ବିକାଶ ଘଟେ । ସଂସ୍କୃତିର ଏହି ସ୍ତରକୁ ସଭ୍ୟତା ବୋଲି କୁହାଯାଏ । ମାତ୍ର ନୃତତ୍ତ୍ୱରେ ଏହି ଉଭୟ ବିଭବ ସଂସ୍କୃତିର ଅନ୍ତର୍ଗତ । ପ୍ରକୃତିକୁ କିଏ ଗଢ଼ିଛି, ତାହା ବିତର୍କିତ ବିଷୟ ହୋଇପାରେ, ମାତ୍ର ସଂସ୍କୃତି ମନୁଷ୍ୟର ସୃଷ୍ଟି । ଗୋଟିଏ ସମାଜର ସଂସ୍କୃତି, ସେହି ସମାଜର ପୁରୁଷ ପୁରୁଷବ୍ୟାପୀ ସାଧନାର ଫଳ । ତାହା ପରବର୍ତ୍ତୀ ପୁରୁଷ ଉତ୍ତରାଧିକାର ସୂତ୍ରରେ ନିଜର କରେ । ତେଣୁ ଏହାକୁ ଐତିହ୍ୟ ବୋଲି କୁହାଯାଇ ପାରେ ।

## ୪.୨ ମୂଳପାଠର ପ୍ରଥମ ଭାଗ

ସମ୍ପ୍ରତି ଭୁବନେଶ୍ୱର ଓଡ଼ିଶାର ରାଜଧାନୀ । ଏହାର ଦକ୍ଷିଣ ଦିଗରେ ଧଉଳି ପାହାଡ଼ । ଏହାର ପ୍ରାଚୀନ ନାମ ସୁରଭଗିରି । ଏଠାରେ ଅଶୋକଙ୍କର ଶିଳାଲେଖ ଖୋଦିତ ହୋଇଛି । ଏହା ଖ୍ରୀଷ୍ଟପୂର୍ବ ୨୬୧ ଅବ୍ଦର କୀର୍ତ୍ତି । ଏହା ଦୟାନଦୀ କୂଳରେ ଅବସ୍ଥିତ । ସେହିପରି ଗଞ୍ଜାମ ଜିଲ୍ଲାର ଋଷିକୁଲ୍ୟା ନଦୀ କୂଳରେ ଜଉଗଡ଼ଠାରେ ଅଶୋକଙ୍କର ଅନ୍ୟ ଗୋଟିଏ ଶିଳାଲେଖ ଅଛି । ସେ ଏଥିରେ ତାଙ୍କର ଶାସନ-ନୀତି, ପ୍ରଜାମାନଙ୍କ ପ୍ରତି ବାର୍ତ୍ତା ଓ ସାମାଜିକ, ପାରିବାରିକ ଜୀବନର ଆଦର୍ଶ ବିଷୟରେ କେତେ କଥା ଉଲ୍ଲେଖ କରିଛନ୍ତି । ଏହା ଅଶୋକଙ୍କର କଳିଙ୍ଗ ଅନୁଶାସନ ନାମରେ ପରିଚିତ ।

ସେ ଅନ୍ୟତ୍ର ତାଙ୍କର ଶିଳାଲେଖମାନଙ୍କରେ କଳିଙ୍ଗ ଯୁଦ୍ଧ ବିଷୟରେ ବର୍ଣ୍ଣନା କରିଛନ୍ତି । ସେହି ପ୍ରଳୟଙ୍କର ଯୁଦ୍ଧରେ କଳିଙ୍ଗର ପ୍ରାୟ ଏକ ଲକ୍ଷ ସୈନ୍ୟ ନିହତ, ପ୍ରାୟ ଦେଢ଼ଲକ୍ଷ ବନ୍ଦୀ ଏବଂ ଏହାଠାରୁ ବହୁ ସଂଖ୍ୟାରେ ଲୋକ ମୃତାହତ ହୋଇଥିବାର ବର୍ଣ୍ଣନା ମିଳେ । କଳିଙ୍ଗର ବୀରମାନେ ଯୁଦ୍ଧରେ ଏତେ ଅଧିକ ସଂଖ୍ୟାରେ ନିହତ ଓ ବନ୍ଦୀ ହେବା ପରେ ସୁଦ୍ଧା ଆତ୍ମସମର୍ପଣ କରି ନଥିଲେ । ଏଥିରୁ ସେମାନଙ୍କର ଏକତା, ଦେଶପ୍ରେମ ଓ ବୀରତ୍ୱର ସୂଚନା ମିଳେ । ଏକ ବିସ୍ତୃତ ଭୌଗୋଳିକ ଅଞ୍ଚଳର ଅଧିବାସୀମାନଙ୍କ ମଧ୍ୟରେ ଏକତା ନଥିଲେ ଏବଂ ସେମାନଙ୍କ ଭିତରେ ସଙ୍ଗଠନ ଓ ଦେଶ-ପ୍ରେମ ନଥିଲେ ଏପରି ବିରାଟ ସେନା ସମାଗମ ସମ୍ଭବ ହୋଇନଥାନ୍ତା ।

ଏହି ମୃତ ବନ୍ଦୀ ସଂଖ୍ୟା ଦେଖିଲେ ବୀରତ୍ୱର ଆଦର୍ଶ ବିଷୟରେ ଗୀତାରେ ଶ୍ରୀକୃଷ୍ଣଙ୍କର ପରାମର୍ଶ କଥା ମନେପଡ଼େ । ସେ ଅର୍ଜୁନଙ୍କୁ ହୃଦୟର ଦୁର୍ବଳତା ତ୍ୟାଗ କରି ଯୁଦ୍ଧ କରିବାକୁ ପରାମର୍ଶ ଦେବାବେଳେ କହିଥିଲେ :—ଯୁଦ୍ଧରେ ଜିତିଲେ ରାଜ୍ୟ ଭୋଗ କରିବ ଏବଂ ଯୁଦ୍ଧ କ୍ଷେତ୍ରରେ ଲଢ଼ି ଲଢ଼ି ମୃତ୍ୟୁବରଣ କଲେ ସ୍ୱର୍ଗ ଲାଭ କରିବ । ତେଣୁ ଯୁଦ୍ଧ କରିବା ଲାଗି କୃତ-ସଂକଳ୍ପ ହୋଇଯାଅ । କଳିଙ୍ଗର ସେନାବାହିନୀ ଆଗରେ ଏହି ଆଦର୍ଶ ଥିଲା । ଜଣେ ପ୍ରକୃତ ବୀର ହିଂସ୍ର ନରସଂହାରକ ନୁହେଁ । ସେ ତାର ଶକ୍ତି, ସାହସ ଓ ରଣକୌଶଳକୁ ବିବେକ ବୁଦ୍ଧି ଖଟାଇ ସଂଗ୍ରାମର ନୀତି ନିୟମ ଅନୁସାରେ ପ୍ରୟୋଗ କରେ । ଅଶୋକଙ୍କ ବିପୁଳ ସେନାବାହିନୀ ଏହା କେତେ ଦୂର ରକ୍ଷା କରିଥିଲେ, ତାହା ଜାଣିବାର ଉପାୟ ନାହିଁ । ମାତ୍ର ସେ ଏହି ସଂଗ୍ରାମର ପରିଣତି ଦେଖି ଅନୁତାପ କରିଥିଲେ ଏବଂ ତାଙ୍କର ରାଜନୀତି ଭିନ୍ନ ମୋଡ଼ ନେଇଥିଲା ।

ଅଶୋକଙ୍କ ପୂର୍ବରୁ କଳିଙ୍ଗ ବା ଓଡ଼ିଶାରେ ଜୈନ; ବୌଦ୍ଧ ଓ ହିନ୍ଦୁ ଧର୍ମ ପ୍ରଚଳିତ ଥିଲା । ସେ ବୌଦ୍ଧଧର୍ମର ପୃଷ୍ଠପୋଷକତା କରିଥିଲେ । ଏଠାରେ ଏହା ପ୍ରଣିଧାନଯୋଗ୍ୟ ଯେ ସର୍ବତ୍ର ଅଶୋକ କଳିଙ୍ଗ ସହିତ ସଂଗ୍ରାମ କରିବାର ଉଲ୍ଲେଖ ଅଛି । ମାତ୍ର ସେ କଳିଙ୍ଗର କେଉଁ ରାଜାଙ୍କ ସହିତ ଯୁଦ୍ଧ କରିଥିଲେ, ତାହାର କୌଣସି ସୂଚନା ନାହିଁ । ସେଥିପାଇଁ କେହି କେହି ଅନୁମାନ କରନ୍ତି ଯେ, ସେ ସମୟରେ କଳିଙ୍ଗରେ ଗଣତନ୍ତ୍ର ଶାସନ ପ୍ରଚଳିତ ଥିଲା । ମାତ୍ର ତାର ସ୍ୱରୂପ ସଂପର୍କରେ ଜାଣିବା ଭଳି କୌଣସି ନିର୍ଭରଯୋଗ୍ୟ ପ୍ରମାଣ ଏପର୍ଯ୍ୟନ୍ତ ମିଳି ନାହିଁ । ଉପର୍ଯ୍ୟୁକ୍ତ ତଥ୍ୟାନୁସାରେ କୁହାଯାଇପାରେ ଯେ ଅଶୋକଙ୍କ ବହୁ ପୂର୍ବରୁ ଏହି ଭୂ-ଭାଗରେ ଗୋଟିଏ ବଳିଷ୍ଠ ଓ ସମୃଦ୍ଧ ଜନ-ଗୋଷ୍ଠୀ ବାସ କରୁଥିଲେ । ସେମାନଙ୍କ ସାମାଜିକ ଜୀବନ ଉନ୍ନତ ଥିଲା ଏବଂ ସେମାନଙ୍କ ମଧ୍ୟରେ ଏକତା ଥିଲା । ସେହି ସମାଜରେ ନିର୍ଦ୍ଦିଷ୍ଟ ଜୀବନାଦର୍ଶ ଓ ମୂଲ୍ୟବୋଧ ସୃଷ୍ଟି ହୋଇଥିଲା । ସେମାନେ ଉନ୍ନତ ସଂସ୍କୃତି ଗଠନ ଲାଗି ସମର୍ଥ ଥିଲେ ।

ଧଉଳି ପାହାଡ଼ର ଅଳ୍ପ ଦୂରରେ ଏବଂ ଭୁବନେଶ୍ୱରର ପୂର୍ବ ଦିଗରେ ଶିଶୁପାଳଗଡ଼ ।

ଅଶୋକଙ୍କ ସମୟକୁ ଏହି ଗଡ଼ ଥିଲା ଏବଂ ତାଙ୍କର ପରବର୍ତ୍ତୀ କାଳରେ କଳିଙ୍ଗାଧିପତି ଖାରବେଳ ମଧ୍ୟ ଏହାକୁ ଗଡ ବା ଦୁର୍ଗ ଭାବରେ ବ୍ୟବହାର କରୁଥିଲେ । ଖାରବେଳ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ କଳିଙ୍ଗକୁ ମଗଧ ସାମ୍ରାଜ୍ୟରୁ ମୁକ୍ତ କରି ତାର ପୂର୍ବ ଖ୍ୟାତି, ପ୍ରତିଷ୍ଠା କରିଥିଲେ । ସେ ମଗଧ ସମେତ ଭାରତର ଏକ ବିସ୍ତୃତ ଅଞ୍ଚଳକୁ ନିଜର ଶାସନାଧୀନ କରିଥିଲେ । ଭୁବନେଶ୍ୱର ତାଙ୍କ ଶାସନର କେନ୍ଦ୍ରସ୍ଥଳୀ ଥିଲା । ସେ ବୀର, ସୁଶାସକ ଓ ନୃତ୍ୟ-ସଙ୍ଗୀତ ପ୍ରିୟ ଥିଲେ । ସେ ଜୈନଧର୍ମର ପୃଷ୍ଠ-ପୋଷକତା କରିଥିଲେ ।

ଭୁବନେଶ୍ୱରର ପଶ୍ଚିମ ଦିଗରେ ଖଣ୍ଡଗିରି-ଉଦୟଗିରି ଗିରିଯୁଗ୍ମରେ ତାଙ୍କର କୀର୍ତ୍ତି ବିଦ୍ୟ-ମାନ । ଖଣ୍ଡଗିରିର ଗୁମ୍ଫାଗୁଡ଼ିକ ଜୈନ ସାଧୁମାନଙ୍କର ବାସସ୍ଥାନ ଭାବରେ ବ୍ୟବହୃତ ହେଉଥିଲା ବୋଲି ଅନୁମାନ କରାଯାଏ । ଉଦୟଗିରିରେ ଖାରବେଳଙ୍କର ପ୍ରସିଦ୍ଧ ହାତୀଗୁମ୍ଫା ଶିଳାଲେଖ ଅଛି । ଖାରବେଳ ରାଜ୍ୟଭାର ଗ୍ରହଣ କରିବା ପୂର୍ବରୁ କିପରି ଶିକ୍ଷା ଓ ତାଲିମ ପାଇଥିଲେ ଏବଂ ରାଜତ୍ୱର କେଉଁ ବର୍ଷ କି କି କାର୍ଯ୍ୟ କରିଥିଲେ, ତାହା ଏହି ଶିଳାଲେଖରେ ବର୍ଣ୍ଣନା କରାଯାଇଛି । ଏହି ଶିଳାଲେଖର ଚତୁର୍ଥ ଓ ପଞ୍ଚମ ପଂକ୍ତିରେ ଅଛି, କଳିଙ୍ଗାଧିପତି ଖାରବେଳ ରାଜତ୍ୱର ଦ୍ୱିତୀୟ ବର୍ଷ ପଶ୍ଚିମ ଦିଗକୁ ଅଶ୍ୱ, ଗଜ, ନର, ରଥ ସହ ବିଶାଳ ସେନା ପ୍ରେରଣ କରିଥିଲେ, ସେମାନେ କୃଷ୍ଣାବେଣୀ ପର୍ଯ୍ୟନ୍ତ ବିଜୟ ଅଭି-ଯାନରେ ଅଗ୍ରସର ହୋଇଥିଲେ । ସେ ରାଜତ୍ୱର ତୃତୀୟ ବର୍ଷରେ ଗାନ୍ଧର୍ବ ବିଦ୍ୟା ପ୍ରବୀଣ ବ୍ୟକ୍ତିଙ୍କ ସାହାଯ୍ୟରେ ଦର୍ପନୃତ୍ୟ, ଗୀତ, ବାଦ୍ୟ ସହ ବିବିଧ ସଂଦର୍ଶନର ଆୟୋଜନ କରି ଉତ୍ସବ ଓ ସମାଜ-ମାନ କରାଇଥିଲେ । ଉଦୟଗିରିର ରାଣୀ ଗୁମ୍ଫାରେ ଖୋଦିତ କେତେକ ଦୃଶ୍ୟରୁ ଖାରବେଳଙ୍କର ସଙ୍ଗୀତ ଓ ନୃତ୍ୟାନୁରାଗର ନିଦର୍ଶନ ମିଳେ ।

ରାଣୀଗୁମ୍ଫାର ତଳ ମହଲାର ଦକ୍ଷିଣ ପ୍ରକୋଷ୍ଠରେ ଚନ୍ଦ୍ରାତପ-ଶୋଭିତ ମଞ୍ଚ ଉପରେ ଜଣେ ନର୍ତ୍ତକୀ ନୃତ୍ୟ ପରିବେଷଣ କରୁଥିବାର ଓ ସ୍ୱରିଜଣ ନାରୀ ମୃଦଙ୍ଗ, ତବଲା, ବୀଣା, ବଂଶୀ ବଜାଉ-ଥିବାର ଏବଂ ଏହି ଦୃଶ୍ୟକୁ ଜଣେ ରାଜା ଦୁଇ ରାଣୀଙ୍କ ମଝିରେ ଗୋଟିଏ ଆସନରେ ବସି ଉପଭୋଗ କରୁଥିବାର ଦୃଶ୍ୟ ଖୋଦିତ ହୋଇଛି । ଏହି ଦୃଶ୍ୟରେ ରାଜାଙ୍କର ମସ୍ତକ ଉପରେ ଛତ୍ରଧାରଣ ପୂର୍ବକ ଏବଂ ଦୁଇ ରାଣୀଙ୍କ ନିକଟରେ ସୁଗନ୍ଧ ଦ୍ରବ୍ୟ ସହ ସହଚରୀମାନେ ଦଣ୍ଡାୟମାନ ହୋଇଥିବାର ଲକ୍ଷ୍ୟ କରାଯାଏ । ଏହି ଦୃଶ୍ୟରେ ଥିବା ରାଜା ଖାରବେଳ ହୋଇଥିବା ସମ୍ଭବ । ଖ୍ରୀଷ୍ଟପୂର୍ବ ଯୁଗର ଏହି ଶିଳାକୀର୍ତ୍ତି ସହ ପରବର୍ତ୍ତୀ ଯୁଗର ଶିଳା ଶିଳ୍ପରେ କଳିଙ୍ଗର ଅଧିପତି ଓ ଅଧିବାସୀଙ୍କର ନୃତ୍ୟ ତଥା ସଙ୍ଗୀତ ପ୍ରୀତିର ନିଦର୍ଶନ ମିଳେ । ଭୁବନେଶ୍ୱର ଓ କୋଣାର୍କର ମନ୍ଦିର ଗାତ୍ରରେ ଏହା ଲକ୍ଷ୍ୟ କରାଯାଇପାରେ ।

**୪.୨.୧ ମୂଳପାଠର ପ୍ରଥମ ଭାଗ ଉପରେ ପ୍ରଶ୍ନାବଳୀ -**

ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ବର୍ଣ୍ଣନା କର ।

୧. କଳିଙ୍ଗ ଯୁଦ୍ଧରେ କଳିଙ୍ଗବାସୀ କିପରି ନିଜର ଏକତା, ଦେଶପ୍ରେମ ଓ ବୀରତ୍ୱର ପରିଚୟ ଦେଇଥିଲେ ?

୨. କଳିଙ୍ଗର ସେନାବାହିନୀ ଆଗରେ ଗୀତାର କେଉଁ ଆଦର୍ଶ ସ୍ଥାନ ପାଇଥିଲା ?

୩. ପ୍ରକୃତ ବୀରର ସ୍ୱରୂପ କ'ଣ ?

୪. କଳିଙ୍ଗ ଯୁଦ୍ଧରେ ଅଶୋକଙ୍କର କି ପରିବର୍ତ୍ତନ ଘଟିଥିଲା ?

୫. ଶିଶୁପାଳଗଡ଼ର କି ଐତିହ୍ୟ ରହିଛି ?

୬. ଖାରବେଳଙ୍କ ପାଖରେ କି କି ଗୁଣ ରହିଥିଲା ?

୭ ଖଣ୍ଡଗିରିର କି ସାଂସ୍କୃତିକ ବୈଶିଷ୍ଟ୍ୟ ରହିଛି ?

୮. ଉଦୟଗିରି କେଉଁ କେଉଁ ସାଂସ୍କୃତିକ ମହତ୍ତ୍ୱ ପାଇଁ ପ୍ରସିଦ୍ଧି ଲାଭ କରିଛି ?

୯. ସଂକ୍ଷେପରେ ରାଣୀଗୁମ୍ଫା ସମ୍ପର୍କରେ ବର୍ଣ୍ଣନା କର ।

**୪.୨.୨ ମୂଳପାଠର ପ୍ରଥମ ଭାଗ ଉପରେ ବ୍ୟାକରଣଗତ ପ୍ରଶ୍ନାବଳୀ –**

୧. ନିମ୍ନଲିଖିତ ଶବ୍ଦଗୁଡ଼ିକର ଅର୍ଥ ଲେଖନ୍ତୁ—
ସମ୍ପ୍ରତି, ସମାଗମ, ନରସଂହାରକ, ପୃଷ୍ଠପୋଷକତା, ପ୍ରଣିଧାନଯୋଗ୍ୟ, ସମୃଦ୍ଧ ।

୨. ସନ୍ଧି ବିଚ୍ଛେଦ କରନ୍ତୁ—
ମୃତାହତ, ଉପର୍ଯ୍ୟୁକ୍ତ, ଉଲ୍ଲେଖ, ଜୀବନାଦର୍ଶ, ଚନ୍ଦ୍ରାତପ ।

୩. ନିମ୍ନଲିଖିତ ଶବ୍ଦଗୁଡ଼ିକରେ ଥିବା ଉପସର୍ଗ ଚିହ୍ନାଇ ଦିଅନ୍ତୁ—
ପରାମର୍ଶ, ବିସ୍ତୃତ, ଆଦର୍ଶ, ଅଭିଯାନ, ପ୍ରୟୋଗ, ଉପାୟ, ପ୍ରଣିଧାନ, ଅନୁମାନ, ନିର୍ଭର ।

୪. ନିମ୍ନଲିଖିତ ଶବ୍ଦଗୁଡ଼ିକରେ ଥିବା ସମାସ ବ୍ୟାସବାକ୍ୟ ସହ ନିର୍ଦ୍ଦେଶ କରନ୍ତୁ—
ଶିଳାଲେଖ, ଶାସନନୀତି, ସେନାବାହିନୀ, ଦେଶପ୍ରେମ, ଯୁଦ୍ଧକ୍ଷେତ୍ର, କୃତସଙ୍କଳ୍ପ, ଗଣତନ୍ତ୍ର ।

୫. ବିପରୀତାର୍ଥବୋଧକ ଶବ୍ଦ ଲେଖନ୍ତୁ—
ସମର୍ପଣ, ଏକତା, ଭୋଗ, ରକ୍ଷା, ଶାସନାଧିନ, ଆୟୋଜନ, ଅନୁରାଗ ।

## ୪.୩ ମୂଳପାଠର ଦ୍ୱିତୀୟ ଭାଗ

ଶିବ ଯୋଗେଶ୍ୱର ଓ ନଟରାଜ । ଭୁବନେଶ୍ୱରରେ ଖ୍ରୀଷ୍ଟୀୟ ଷଷ୍ଠ ଶତାବ୍ଦୀରୁ ପଞ୍ଚଦଶ ଶତାବ୍ଦୀ ମଧ୍ୟରେ ବହୁ ଶିବ ମନ୍ଦିର ନିର୍ମିତ ହୋଇଅଛି ଓ ସେହି ମନ୍ଦିର ଗାତ୍ରରେ ନଟରାଜ ମୂର୍ତ୍ତି ଖୋଦିତ ହୋଇଅଛି । ଜଣେ ପ୍ରତ୍ନତତ୍ତ୍ୱବିତ୍ ମୁକ୍ତେଶ୍ୱର ମନ୍ଦିର ବେଢ଼ାରେ ଥିବା ଏପରି ଗୋଟିଏ ମୂର୍ତ୍ତିର ବର୍ଣ୍ଣନ କରି ଲେଖିଛନ୍ତି—ଉତ୍କଳର ଏହି ସର୍ବ ପୁରାତନ ନଟରାଜ ମୂର୍ତ୍ତିର ଉର୍ଦ୍ଧ୍ୱତମ ଭୁଜ ଦୁଇଟିରେ ରହିଛି ବଶୀଭୂତ କାଲ୍ ଭୁଜଙ୍ଗ, ଅନ୍ୟ ହସ୍ତମାନଙ୍କରେ ରହିଛି ବୀଣା, ତ୍ରିଶୂଳ, ଜପାମାଳି ଓ ନୃତ୍ୟସଙ୍କେତ, ମସ୍ତକରେ ଅଛି ଜଟା ଓ କିରୀଟ, ଲଲାଟରେ ଅଛି ମୁକ୍ତା, କର୍ଣ୍ଣରେ କୁଣ୍ଡଳ, କଟିରେ ଗଜାଜିନ ଓ ବକ୍ଷରେ ଉପବୀତ । ଉତ୍ତରୀୟରେ ଉଭୟପ୍ରାନ୍ତ ଧାରଣ କରି ମୃଦୁ ପଦଚାଳନାରେ ନଟରାଜ ଲଳିତ ନୃତ୍ୟରେ ରତ ହୋଇଛନ୍ତି । ପାର୍ବତୀ ନୃତ୍ୟରେ ଯୋଗ ଦେଇ ମୃଦଙ୍ଗ ବାଦନ କରୁଛନ୍ତି ଏବଂ ଗଣେଶ ମୋଦକ ଭକ୍ଷଣ କରୁ କରୁ ନୃତ୍ୟରତ ହୋଇପଡ଼ିଛନ୍ତି । ଏହି ଶାନ୍ତ ନଟରାଜର କଳ୍ପନା ଓଡ଼ିଶାରୁ ଅନ୍ୟତ୍ର ଯାଇଥିବାର ଅନୁମାନ କରାଯାଏ । ଭୁବନେଶ୍ୱରର ମନ୍ଦିରମାନଙ୍କରେ ନଟରାଜଙ୍କର ପ୍ରଚଣ୍ଡ ତାଣ୍ଡବ ପରିବର୍ତ୍ତେ ଶାନ୍ତ ଲଳିତ ନୃତ୍ୟ ଲକ୍ଷ୍ୟ କରିବାର କଥା । ଯୋଗ ସହିତ ନୃତ୍ୟର ସମ୍ପର୍କ ଜଡ଼ିତ । ନୃତ୍ୟଶିଳ୍ପୀ ଯୋଗ ସହିତ ସମ୍ପୃକ୍ତ ଯମ, ନିୟମ, ଆସନ, ପ୍ରାଣାୟମ, ପ୍ରତ୍ୟାହାର, ଧ୍ୟାନ, ଧାରଣା ଓ ସମାଧି ନିୟମକୁ ମାନି ସାଧନା କରି ଅଙ୍ଗ ଶୁଦ୍ଧି କରେ । ସେ ଏହା ଫଳରେ ଆବଶ୍ୟକ କଳାକୁ ଆୟତ୍ତ କରି ମନୋମୁଗ୍‌ଧକର ନୃତ୍ୟ ପରିବେଷଣରେ ସମର୍ଥ ହୁଏ । ଓଡ଼ିଶୀ ନୃତ୍ୟରେ ତାଣ୍ଡବ ଓ ଲାସ୍ୟ ଉଭୟ ଭାବ ରହିଛି ।

ପୂର୍ବେ ଓଡ଼ିଶାର ମନ୍ଦିରମାନଙ୍କରେ ନିୟମିତ ନୃତ୍ୟ ପରିବେଷଣ ବିଧି ଥିଲା । କୋଣାର୍କ ସୂର୍ଯ୍ୟ ମନ୍ଦିରର ନର୍ତ୍ତକୀ ମୂର୍ତ୍ତିଗୁଡ଼ିକ ଓଡ଼ିଶାର ନୃତ୍ୟ, ସଙ୍ଗୀତ ଓ ଶିଳ୍ପକଳାର ଉତ୍କୃଷ୍ଟ ନିଦର୍ଶନ । ପୁଣି ସେହି ମନ୍ଦିର ବେଢ଼ାରେ ଥିବା ଯୁଦ୍ଧ ଅଶ୍ୱ ଓ ଗଜ ମୂର୍ତ୍ତି, ଯୁଦ୍ଧଯାତ୍ରାର ଦୃଶ୍ୟ ଓଡ଼ିଶାର ସମର ପରମ୍ପରାର ସଙ୍କେତ ବହନ କରେ । କୋଣାର୍କ ସୂର୍ଯ୍ୟ ମନ୍ଦିର ଗାତ୍ରରେ ଜଣେ ରାଜା ସୂର୍ଯ୍ୟବିଗ୍ରହ ନିକଟରେ ପୂଜା ନିବେଦନ କରିବାର ସୁନ୍ଦର ମୂର୍ତ୍ତି ଖଚିତ ହୋଇଛି । ସେହି ରାଜା ସୂର୍ଯ୍ୟ ମନ୍ଦିର ନିର୍ମାତା ନରସିଂହ ଦେବ ହୋଇଥିବା ସମ୍ଭବ । ରାଜାଙ୍କ ପରେ ବୀରତ୍ୱ, ଭକ୍ତିଭାବ ଓ ସଙ୍ଗୀତାନୁରାଗ ଏବଂ ଚମତ୍କାର ଶିଳ୍ପକଳା ଦେଖିଲେ ସମସାମୟିକ ସମାଜରେ ସତ୍ୟ-ଶିବ-ସୁନ୍ଦର ପ୍ରତି ମନୋଭାବର ସୂଚନା ମିଳେ ।

କୌଣସି ରାଜା ତ ନିଜେ ମନ୍ଦିର ତିଆରି ନାହାନ୍ତି । ତାହା ଦେଶର ଅଗଣିତ ଶିଳ୍ପୀ ଓ ଶ୍ରମିକମାନେ ହିଁ ଗଢ଼ିଛନ୍ତି । ରାଜା ସେମାନଙ୍କୁ ସେଥିପାଇଁ ସମସ୍ତ ସୁବିଧା ଯୋଗାଇ ଦେଇଛନ୍ତି ମାତ୍ର । ତେଣୁ ଏଗୁଡ଼ିକ ଓଡ଼ିଶାର ଶିଳ୍ପୀକୁଳର କୀର୍ତ୍ତି । ତେବେ ରାଜାମାନେ ନିଜର ବିଳାସମୟ ପ୍ରାସାଦ ନିର୍ମାଣରେ ରାଜକୋଷରୁ ଅର୍ଥ ବ୍ୟୟ ନକରି ମନ୍ଦିର ନିର୍ମାଣରେ ବ୍ୟୟ କରିଥିବାରୁ ନିଶ୍ଚୟ ପ୍ରଶଂସାର୍ହ ।

ଉପରେ କୁହାଯାଇଛି ଯେ ଅଶୋକଙ୍କ ବହୁ ପୂର୍ବରୁ ଓଡ଼ିଶାରେ ଜୈନ, ବୌଦ୍ଧ ଓ ହିନ୍ଦୁ ଧର୍ମର ପ୍ରଚଳନ ଥିଲା । ଏହି ଧର୍ମଗୁଡ଼ିକୁ ଭିତ୍ତି କରି ଏଠାରେ ଶିଳ୍ପକଳାର ବିକାଶ ଘଟିଥିଲା । ଜୈନଧର୍ମ ଓଡ଼ିଶାର ପ୍ରାଚୀନ ଧର୍ମ । ପାର୍ଶ୍ୱନାଥ ଓ ମହାବୀର ଏଠାରେ ଜୈନଧର୍ମ ପ୍ରଚାର କରିଥିଲେ । ଖଣ୍ଡଗିରି ଗୁମ୍ଫାମାନଙ୍କରେ ଜୈନମୂର୍ତ୍ତି ବ୍ୟତୀତ ଓଡ଼ିଶାର ବହୁ ସ୍ଥାନରୁ ଜୈନ ମୂର୍ତ୍ତିମାନ ମିଳିଛି ।

ବୁଦ୍ଧଙ୍କ ସମୟରୁ ଓଡ଼ିଶାରେ ବୌଦ୍ଧଧର୍ମର ପ୍ରସାର ଘଟିଛି । ଓଡ଼ିଶାରେ ପରିମଳଗିରି ଓ ପୁଷ୍ପଗିରି ପ୍ରଭୃତି କେତେକ ବୌଦ୍ଧ ବିହାର ପ୍ରତିଷ୍ଠିତ ହୋଇଥିଲା । କଟକ ଜିଲ୍ଲାରେ ବିରୂପା ନଦୀକୂଳରେ ରତ୍ନଗିରି, ଲଳିତଗିରି, ଉଦୟଗିରିରେ ବିଭିନ୍ନ ସ୍ଥାନରୁ ବହୁ ବୌଦ୍ଧ ସ୍ତୁପ ଓ ସୁନ୍ଦର ସୁନ୍ଦର ବିରାଟକାୟ ମୂର୍ତ୍ତିମାନ ଆବିଷ୍କୃତ ହୋଇଛି । ରତ୍ନଗିରିରେ ପୁଷ୍ପଗିରି ମହାବିହାର ଥିବାର ଜଣାଯାଏ । ପ୍ରତ୍ନତତ୍ତ୍ୱ ବିଭାଗ ୧୯୫୭-୫୮ ମସିହାରେ ଏଠାରେ ଭୂ-ଖୋଦନ କରି ଏହି ତଥ୍ୟ ଜଣାଇଥିଲେ । ଉଦୟଗିରିରୁ ନଅ ଫୁଟ ଉଚ୍ଚର ଏବଂ ଲଳିତଗିରିରୁ ପାଞ୍ଚଫୁଟ ଉଚ୍ଚର ବୁଦ୍ଧ ମୂର୍ତ୍ତି ଏବଂ ତାରା, ଅବଲୋକିତେଶ୍ୱର, ବଜ୍ରତାରା ପ୍ରଭୃତି ମୂର୍ତ୍ତି ମିଳିଥିଲା । ରତ୍ନଗିରି ବିହାର ଦ୍ୱାର ତୋରଣ ଓ ଗୃହ ଅଙ୍ଗନ ସହ ବାହାରିଥିଲା ।

ସମ୍ପ୍ରତି ଲଳିତଗିରି ଓ ଉଦୟଗିରିଠାରେ ଭୂଖୋଦନ ହେବା ଫଳରେ ବହୁ ନୂତନ ତଥ୍ୟ ଆଲୋକକୁ ଆସିଛି । ଉଦୟଗିରିର ଗୋଟିଏ ସ୍ତୂପରୁ ମିଳିଥିବା ମୁଦ୍ରାରେ ମାଧବପୁର ବିହାର ମହାଭିକ୍ଷୁ ସଙ୍ଘ ବୋଲି ଉଲ୍ଲେଖ ଅଛି । ଲଳିତଗିରି ପାହାଡ଼ ଶୀର୍ଷରେ ଥିବା ଗୋଟିଏ ବୃହଦାକାର ସ୍ତୂପ ମଧ୍ୟରେ ଗୋଟିଏ ଛୋଟ ପାତ୍ରରେ ଅସ୍ଥି ସଂରକ୍ଷିତ ଥିଲା । ଏହି ଛୋଟ ପାତ୍ର ବା ଫରୁଆଟି ଗୋଟିଏ ମଧ୍ୟମ ଆକାରର ଫରୁଆ ଓ ତାହା ଅପେକ୍ଷାକୃତ ବୃହତ ଆକାରର ଫରୁଆ ମଧ୍ୟରେ ଥିଲା । ଚାରି-ପାଖରେ ବିଭିନ୍ନ ମୁଦ୍ରାରେ ଥିବା ବୁଦ୍ଧ ମୂର୍ତ୍ତି ଥିଲା । ଏହି ଅସ୍ଥି କାହାର ତାହା ନିର୍ଣ୍ଣୀତ ହୋଇନାହିଁ । ଉଦୟଗିରିଠାରେ ଅଠର ବଖରା ବିଶିଷ୍ଟ ଅଗଣା-ସଂଯୁକ୍ତ ବିହାର ଅଛି । ଏଠାରେ ନଳା ଓ ଗମନାଗମନ ପଥର ଯୋଜନା ସୁପରିକଳ୍ପିତ । ଅଗଣା ମଝିରେ ଗର୍ଭଗୃହ ମଧ୍ୟରେ ଧ୍ୟାନମୁଦ୍ରାରେ ବସିଥିବା ବିରାଟ ବୁଦ୍ଧମୂର୍ତ୍ତି ଅଛି । ଏହି ବିହାର ଓ ସ୍ତୂପରୁ ମଞ୍ଜୁଶ୍ରୀ, ବସୁଧାରା ତଥା ବିଭିନ୍ନ ଆସନ ଓ ମୁଦ୍ରାରେ ଥିବା ବିଭିନ୍ନ ଆକାରର ବୌଦ୍ଧ ମୂର୍ତ୍ତିମାନ ମିଳିଛି । ବସୁଧାରା ଆସନ ଉପରେ ଗୋଡ଼ ଲମ୍ବାଇ ବସିଛନ୍ତି । ତଳେ ରତ୍ନଖଣ୍ଡ । ଦୁଇଭୁଜରୁ ଗୋଟିଏ ଭୁଜରେ ସେ ଶସ୍ୟଗୁଚ୍ଛ ଧାରଣ କରିଛନ୍ତି । ସେ ଶସ୍ୟ, ଉର୍ବରତା ଓ ବୃଦ୍ଧିର ଦେବୀ ବୋଲି ମନେହୁଏ । ଐତିହାସିକମାନଙ୍କ ମତରେ ଷଷ୍ଠ ଶତାବ୍ଦୀରୁ ଏକାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଏହି ଗିରିମାଳା ଧର୍ମ ଓ କଳା ପରମ୍ପରାର ପ୍ରସିଦ୍ଧ କେନ୍ଦ୍ର ଥିଲା ।

ଏବେ ମଧ୍ୟ ଲଳିତଗିରିଠାରେ ଶିଳ୍ପୀମାନଙ୍କର ଗୋଟିଏ ଗାଁ ଅଛି । ସେମାନେ ଅତି ସୁନ୍ଦର ସୁନ୍ଦର ପଥର ମୂର୍ତ୍ତି ଗଠନ କରୁଛନ୍ତି । ଏହା ଦେଶ ବିଦେଶରେ ବିଶେଷ ଆଦର ଲାଭ କରିଛି । ସମ୍ପ୍ରତି ଧଉଳିଗିରିଠାରେ ଜାପାନ ବୌଦ୍ଧ ସଙ୍ଘ ପକ୍ଷରୁ ନିର୍ମିତ ସ୍ତୂପର ମୂର୍ତ୍ତିଗୁଡ଼ିକ ଏହି ଶିଳ୍ପୀମାନେ ନିର୍ମାଣ କରିଛନ୍ତି । ଓଡ଼ିଶାରେ ଏହି ପରମ୍ପରା ବିଭିନ୍ନ ସ୍ଥାନରେ ଜୀବିତ ଅଛି ।

### ୪.୩.୧ ମୂଳପାଠର ଦ୍ୱିତୀୟ ଭାଗ ଉପରେ ପ୍ରଶ୍ନାବଳୀ —

ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଲେଖ—

୧. ଭୁବନେଶ୍ୱରରେ କେଉଁ କେଉଁ ଶିବ ମନ୍ଦିର ରହିଛି ?

୨. ଭୁବନେଶ୍ୱରର ବିଭିନ୍ନ ମନ୍ଦିର ଗାତ୍ରରେ ଥିବା ନଟରାଜ ମୂର୍ତ୍ତିର ଗଠନ କିପରି ?

୩. ଏହି ନଟରାଜଙ୍କର ନୃତ୍ୟ ତାଣ୍ଡବ ନା ଶାନ୍ତ ?

୪. କୋଣାର୍କ ସୂର୍ଯ୍ୟ ମନ୍ଦିରର ବିଭିନ୍ନ ମୂର୍ତ୍ତିର ବର୍ଣ୍ଣନା କର ।

୫. ଓଡ଼ିଶାରେ ଜୈନଧର୍ମର ପ୍ରଭାବ ଥିବାର ପ୍ରମାଣ କେଉଁଠାରୁ ମିଳେ ?

୬. ଓଡ଼ିଶାର କେଉଁ କେଉଁ ସ୍ଥାନରେ କି କି ବୌଦ୍ଧ କୀର୍ତ୍ତି ରହିଛି ?

୭. ରତ୍ନଗିରି କାହିଁକି ପ୍ରସିଦ୍ଧ ?

### ୪.୩.୨ ମୂଳପାଠର ଦ୍ୱିତୀୟ ଭାଗ ଉପରେ ବ୍ୟାକରଣଗତ ପ୍ରଶ୍ନାବଳୀ —

୧. ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦ ଲେଖନ୍ତୁ—
ଊର୍ଦ୍ଧ୍ୱ, ବଶୀଭୂତ, ଆବଶ୍ୟକ, ନିୟମିତ, କୀର୍ତ୍ତି, ବିକାଶ, ପ୍ରାଚୀନ, ପ୍ରସାର, ବିରାଟ ।

୨. ବ୍ୟାସବାକ୍ୟ ସହ ସମାସ ନିର୍ଣ୍ଣୟ କରନ୍ତୁ—
ତ୍ରିଶୂଳ, ଗଜାଜିନ, ନୃତ୍ୟରତ, ନଟରାଜ, ଯୁଦ୍ଧଯାତ୍ରା, କାଳଭୁଜଙ୍ଗ ।

୩. ସନ୍ଧିବିଚ୍ଛେଦ କରନ୍ତୁ—
ମନୋମୁଗ୍ଧକର, ପ୍ରତ୍ୟାହାର, କୋଣାର୍କ, ବୃହଦାକାର ।

୪. ନିମ୍ନଲିଖିତ ଶବ୍ଦଗୁଡ଼ିକର ସଂସ୍କୃତ ରୂପ କ'ଣ ହେବ ଲେଖନ୍ତୁ—
ହାତ, ମଥା, କାନ, ନାଚ, ନଖ, ପାଞ୍ଚ ।

## ୪.୪ ମୂଳପାଠର ଶେଷ ଭାଗ

ଭାରତୀୟ ମନ୍ଦିର ଶିଳ୍ପ ମଧ୍ୟରେ ଓଡ଼ିଶାର ମନ୍ଦିର ନିର୍ମାଣ ଶୈଳୀର ସ୍ୱତନ୍ତ୍ରତା ଅଛି । ଏହାକୁ କଳିଙ୍ଗ ଶୈଳୀ ବୋଲି କୁହାଯାଏ । ମନ୍ଦିରମୟୀ ନଗରୀ ଭୁବନେଶ୍ୱରର ପ୍ରତ୍ୟେକ ମନ୍ଦିରର ବୈଶିଷ୍ଟ୍ୟ ଅଛି । ପରଶୁରାମେଶ୍ୱର, ବୋଇତାଳ, ମୁକ୍ତେଶ୍ୱର, ରାଜରାଣୀ, ବ୍ରହ୍ମେଶ୍ୱର, ଲିଙ୍ଗରାଜ, ଅନନ୍ତ-ବାସୁଦେବ ମନ୍ଦିରଗୁଡ଼ିକର ନିର୍ମାଣ ଶୈଳୀରୁ ତାହା ଲକ୍ଷ୍ୟ କରାଯାଏ । ରତ୍ନଗିରି ବିହାରର ଦ୍ୱାର-ଦେଶରେ ଖଡ଼୍ଗ ଧାରଣ କରି ଦଣ୍ଡାୟମାନ ହୋଇଥିବା ଦ୍ୱାରପାଳିକା ଏବଂ ମୁକ୍ତେଶ୍ୱର ମନ୍ଦିରରେ ଥିବା ଅଶ୍ୱାରୋହିଣୀ କରବାଳ-ହସ୍ତା ନାରୀ ମୂର୍ତ୍ତି ଦେଖିଲେ ସେକାଳରେ ନାରୀମାନଙ୍କର ନୃତ୍ୟ ଓ

ସମର ଉଭୟରେ ଆଗ୍ରହ ଥିବାର ସୂଚନା ମିଳେ । ଓଡ଼ିଶାର ମନ୍ଦିରମାନଙ୍କରେ ପୂଜିତ ଦେବଦେବୀମାନଙ୍କ ମଧ୍ୟରୁ ପ୍ରାୟ ପ୍ରତ୍ୟେକଙ୍କ ହସ୍ତରେ ଆୟୁଧ ଥିବାର ଲକ୍ଷ୍ୟ କରାଯାଏ । ଯାଜପୁରର ବିରଜା ଦେବୀ 'ଶୂଳଲାଙ୍ଗୁଳ ହସ୍ତା', ଝଙ୍କଡରେ ଶାରଳାଙ୍କ ହସ୍ତରେ ବୀଣା ପୁସ୍ତକ ସହିତ ଯୁଦ୍ଧାସ୍ତ୍ର ମଧ୍ୟ ଅଛି । କେବଳ ବୌଦ୍ଧ ଦେବୀ ବସୁଧାରା ଓ ହିନ୍ଦୁଦେବୀ ଲକ୍ଷ୍ମୀ ଶସ୍ୟ ଓ ସମ୍ପଦର ଦେବୀ ଭାବରେ ବିରାଜମାନା । ଓଡ଼ିଆ ସମାଜରେ ବିଭିନ୍ନ ବୃତ୍ତି ବା ଜାତିର ଲୋକଙ୍କ ମଧ୍ୟରେ ସମରବାଦୀମାନଙ୍କୁ ଦେଖିବାକୁ ମିଳେ । ଏଥିରୁ ମନେହୁଏ ଯେ ବ୍ରାହ୍ମଣ, କ୍ଷତ୍ରିୟ, କରଣ, ବୈଶ୍ୟମାନେ ସୈନ୍ୟ ବିଭାଗରେ ପ୍ରବେଶ କରିଥିଲେ । ଏମାନଙ୍କ ମଧ୍ୟରେ କୃଷୀକୁଳ ସଂଖ୍ୟାଧିକ ଥିଲେ । ଓଡ଼ିଶାର ପାଇକ ବା ପଦାତିକ ବାହିନୀରେ ଏମାନଙ୍କର ସଂଖ୍ୟା ଅଧିକ ଥିଲା । କୃଷି ଓ ଦେଶରକ୍ଷା ସେମାନଙ୍କର ବୃତ୍ତି ଥିଲା । ଓଡ଼ିଶାର ଶିଳ୍ପ କଳା ଓ ସାମାଜିକ ଜୀବନରୁ ଏହି ଦୃଷ୍ଟିଭଙ୍ଗୀର ସୂଚନା ମିଳେ ।

କେନ୍ଦୁଝର ଜିଲ୍ଲା ସୀତାବିଞ୍ଜିର ଭିତ୍ତିଚିତ୍ର ଏକ ପ୍ରାକୃତିକ ଗୁମ୍ଫାର ଛାତ ତଳେ ଅଙ୍କିତ ହୋଇଛି । ଏହି ଚିତ୍ରଟି ସୌନ୍ଦର୍ଯ୍ୟ, ପରିମାପ, ରୂପଯୋଜନା ଓ ଶୈଳୀ ଦୃଷ୍ଟିରୁ ଅଜନ୍ତା ଶୈଳୀର ସମକକ୍ଷ ବୋଲି କୁହାଯାଏ । ଓଡ଼ିଆ ନାରୀମାନଙ୍କ ସୌନ୍ଦର୍ଯ୍ୟ ପ୍ରୀତି ଓ କଳା କୁଶଳତା ଓଡ଼ିଶାର ବହୁ ପର୍ବପର୍ବାଣୀ ଓଷାବ୍ରତରେ ଚିତା, ଝୋଟି ଓ ସାଜସଜ୍ଜାରୁ ଲକ୍ଷ୍ୟ କରାଯାଏ । ସେମାନେ କାଶି, କାଇଁଚ, ବରଗୁଡ଼ି, ତାଳପତ୍ର ପ୍ରଭୃତି ଆଖପାଖରେ ମିଳୁଥିବା ଉପାଦାନର ଉପଯୋଗ କରି ବହୁ ପ୍ରକାରର ପେଡ଼ି, ବିଚଣା, ଚଟେଇ ପ୍ରଭୃତି ବୁଣନ୍ତି । ସେମାନେ ମଧ୍ୟ କେଶବନ୍ଧନ ଓ ଅଙ୍ଗ-ବିନ୍ୟାସ-ନିପୁଣା, ବିଭିନ୍ନ ପ୍ରକାରର ରନ୍ଧନ-ସାମଗ୍ରୀ ପ୍ରସ୍ତୁତ କରିବା ଏବଂ ତାକୁ ସୁନ୍ଦର ରୁଚିକର ଭାବରେ ପରିବେଷଣ କରିବାରେ ଓଡ଼ିଆ ନାରୀର କୃତିତ୍ୱ ଲକ୍ଷ୍ୟ କରାଯାଏ । ବିଶେଷ କରି ଦଶହରାର ଫୁଲକାମ, ମାର୍ଗଶିର ଗୁରୁବାରର ଝୋଟି ଓ ଚିତା, କାର୍ତ୍ତିକ ମାସରେ ଚଉରାମୂଳର ମୁରୁଜ ଚିତାରୁ ସେମାନଙ୍କର କଳା କୁଶଳତାର ପ୍ରମାଣ ମିଳେ । ସୀତାବିଞ୍ଜି ବହୁ ପ୍ରାଚୀନ କୀର୍ତ୍ତି ମାତ୍ର । ଭିତ୍ତି ମଣ୍ଡନ ପାଇଁ ସେହି ମନୋଭାବ ଓଡ଼ିଆ ସମାଜରେ ଅଦ୍ୟାବଧି ରହିଛି । ପୂର୍ବେ ଚିତ୍ରକରମାନେ ମନ୍ଦିର, ରଜା, ଜମିଦାରଙ୍କ ଘରର କାନ୍ଥମାନଙ୍କରେ ବିଭିନ୍ନ ପ୍ରକାରର ଚିତ୍ର ଅଙ୍କନ କରୁଥିଲେ, ସେମାନେ ପଟଚିତ୍ର ଅଙ୍କନ କରନ୍ତି । ପୁରୀ ନିକଟରେ ରଘୁନାଥ ରାଜପୁର ଏଥିପାଇଁ ପ୍ରସିଦ୍ଧ । ମାଣିଆବନ୍ଧି, ସମ୍ବଲପୁରୀ ଶାଢ଼ିର ସୌନ୍ଦର୍ଯ୍ୟ ଓ ରଙ୍ଗ ବିନ୍ୟାସ ମଧ୍ୟ ଚମତ୍କାର । ବିଭିନ୍ନ ପ୍ରକାରର ମାଟି, କାଠ, ଧାତୁ, ପଥର ପ୍ରଭୃତିର ଶିଳ୍ପକାର୍ଯ୍ୟ ଓ ଦରକାରୀ ଦ୍ରବ୍ୟ ପ୍ରସ୍ତୁତ କରିବାରେ ମଧ୍ୟ ଓଡ଼ିଆ ନରନାରୀଙ୍କର କଳାକୁଶଳତା ଲକ୍ଷ୍ୟ କରାଯାଏ । ଏହା ଓଡ଼ିଆ ସମାଜର ବୈଚିତ୍ର୍ୟ ଓ ପରମ୍ପରା ।

ଓଡ଼ିଆ ପର୍ବପର୍ବାଣୀ, ଓଷାବ୍ରତ ଓ ଚଳଣିରେ ଓଡ଼ିଆ ସଂସ୍କୃତିର ସୌନ୍ଦର୍ଯ୍ୟାନୁରାଗ, ଚିନ୍ତା ଓ ଅଭିଳାଷର ପ୍ରତିଫଳନ ଲକ୍ଷ୍ୟ କରାଯାଏ । ସାଧବ ସାଧବାଣୀଙ୍କ ପାରିବାରିକ ଘଟଣା ଅଧିକାଂଶ ଓଷାବ୍ରତ କଥାରେ ଦେଖିବାକୁ ମିଳେ । ସେଥିରୁ ଜଣାଯାଏ ଯେ ସାଧବମାନେ ଓଡ଼ିଆ ସମାଜରେ ଏକ ସମୟରେ ପ୍ରତିଷ୍ଠିତ ଗୋଷ୍ଠୀ ଥିଲେ । ସେମାନେ ନୌବାଣିଜ୍ୟ କରି ଦେଶର ସମୃଦ୍ଧିରେ ସହାୟକ ହେଉଥିଲେ । ଭାଦ୍ରବ ମାସ ରବିବାରମାନଙ୍କରେ ତଅପୋଇ ବା ଖୁଦୁରୁକୁଣୀ ଓଷା ପାଳିତ ହୁଏ । ଏହି ଓଷା କଥାରେ ଧନେଶ୍ୱର ସାଧବଙ୍କର ପାରିବାରିକ ଜୀବନ, ଭାଇ ଭଉଣୀମାନଙ୍କ ମଧ୍ୟରେ ସ୍ନେହ ସମ୍ପର୍କ, ସାଧବଙ୍କର ସମୃଦ୍ଧ ବ୍ୟବସାୟର ଚିତ୍ର ମିଳେ । ମାର୍ଗଶିର ମାସ ଗୁରୁବାର କଥାରେ ଶ୍ରୀୟା ଚଣ୍ଡାଳୁଣୀର ଲକ୍ଷ୍ମୀପୂଜା ଓ ବଡ଼ ଦେଉଳରୁ ଛୁଆଁ ଅଛୁଆଁ ପ୍ରଥା ଉଠିବାର କାହାଣୀ ବର୍ଣ୍ଣିତ ।

ଶ୍ରୀଜଗନ୍ନାଥ ମନ୍ଦିର ଓଡ଼ିଶାର ଧର୍ମ ଓ ସଂସ୍କୃତିର କେନ୍ଦ୍ର । ରଥଯାତ୍ରା, ନବକଳେବର ପ୍ରଭୃତି ପର୍ବପର୍ବାଣୀରେ ବ୍ରାହ୍ମଣ ଓ ଅବ୍ରାହ୍ମଣ ସେବକଙ୍କର ଯୋଗଦାନ ଏବଂ ମନ୍ଦିର ଭିନ୍ନ ନୀତିରୁ ଏଥିରେ ଶବର, ଦ୍ରାବିଡ ଓ ଆର୍ଯ୍ୟ ପରମ୍ପରାର ସମନ୍ୱୟ ଲକ୍ଷ୍ୟ କରାଯାଏ । ଜଗନ୍ନାଥ ଧର୍ମରେ ଜୈନ, ବୌଦ୍ଧ ଓ ହିନ୍ଦୁ ଧର୍ମର ସମନ୍ୱୟ ଘଟିଛି । ଏହା ଭାରତୀୟ ସଂସ୍କୃତିର ଆଦର୍ଶ ଏବଂ ଉତ୍କଳୀୟ ସଂସ୍କୃତିର ସ୍ୱାତନ୍ତ୍ର୍ୟ ।

କବିବର ରାଧାନାଥ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ଉପଲକ୍ଷ୍ୟରେ ସଂସ୍କୃତ ଭାଷାରେ ଭାରତ ବନ୍ଦନା ଲେଖିଥିଲେ । ସେ ସେଥିରେ ଭାରତକୁ ଗୋଟିଏ ପଦ୍ମ ଏବଂ ଓଡ଼ିଶାକୁ ତାର ଏକ ପାଖୁଡ଼ା ଭାବରେ ବର୍ଣ୍ଣନା କରିଛନ୍ତି । ଓଡ଼ିଶାର ସଂସ୍କୃତି ଭାରତୀୟ ସଂସ୍କୃତିର ଏକ ଆଞ୍ଚଳିକ ରୂପ । ବର୍ତ୍ତମାନ ଚଳୁଥିବା ଭାରତୀୟ ନୋଟ ମଧ୍ୟରୁ କୋଡ଼ିଏ ଟଙ୍କିଆ ନୋଟରେ କୋଣାର୍କ ଚକ୍ରର ଚିତ୍ର ଅଛି । ସେହିପରି ଶହେ ଟଙ୍କିଆ ନୋଟ୍‌ରେ ହୀରାକୁଦ ବନ୍ଧର ଚିତ୍ର ଅଛି । ମଣିଷ ଯେପରି ପ୍ରକୃତି ଦେଇଥିବା ଶିଳାରୁ କାରୁକାର୍ଯ୍ୟ ଖଚିତ ମନ୍ଦିର ଓ ମୂର୍ତ୍ତି ଗଢ଼ିଛି, ସେପରି ପ୍ରକୃତି ଦେଇଥିବା ନଦୀରୁ ବିଦ୍ୟୁତ୍ ଶକ୍ତି କାଢ଼ି ଉପଯୋଗ କରୁଛି । ପ୍ରାଚୀନରୁ ଆଧୁନିକ କାଳ ପର୍ଯ୍ୟନ୍ତ ଏହି ପରମ୍ପରା ନିରବଚ୍ଛିନ୍ନ ଭାବରେ ଚାଲି ଆସିଛି । ଏଥିରୁ ଓଡ଼ିଆ ସମାଜର ମୂଲ୍ୟବୋଧ, ଜୀବନାଦର୍ଶ, ସତ୍ୟ ଶିବ ସୁନ୍ଦର ପ୍ରତି ମନୋଭାବର ସଙ୍କେତ ମିଳେ । ଏହା 'ବର୍ତ୍ତମାନ'କୁ 'ଅତୀତ'ର ଅବଦାନ ।

### ୪.୪.୧ ମୂଳପାଠର ଶେଷ ଭାଗ ଉପରେ ପ୍ରଶ୍ନାବଳୀ –

ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ପ୍ରଦାନ କରନ୍ତୁ—

୧. ଭାରତୀୟ ମନ୍ଦିର ଶିଳ୍ପ ମଧ୍ୟରେ ଉତ୍କଳୀୟ ମନ୍ଦିର ଶିଳ୍ପର କି ସ୍ୱାତନ୍ତ୍ର୍ୟ ରହିଛି ?

୨. କେଉଁ ମୂର୍ତ୍ତିରୁ ପ୍ରାଚୀନ ଓଡ଼ିଶାରେ ନାରୀମାନଙ୍କର ନୃତ୍ୟ ଓ ସମର ବିଦ୍ୟାରେ ଆଗ୍ରହ ଥିବାର ସୂଚନା ମିଳେ ?

୩. କେଉଁ କେଉଁ ଦେବୀ ଶସ୍ୟ ଓ ସମ୍ପଦର ଦେବୀ ?

୪. ସୀତାବିଞ୍ଜି ଭିତ୍ତି ଚିତ୍ରର ବିଶେଷତ୍ୱ କ'ଣ ?

୫. କେଉଁଥିରୁ ଓଡ଼ିଆ ନାରୀମାନଙ୍କ ସୌନ୍ଦର୍ଯ୍ୟପ୍ରୀତି ଓ କଳାକୁଶଳତାର ପରିଚୟ ମିଳିଥାଏ ?

୬. ଓଡ଼ିଆ ପର୍ବପର୍ବାଣୀ ଓ ଓଷାବ୍ରତର କି ସାଂସ୍କୃତିକ ମହତ୍ତ୍ୱ ରହିଛି ।

୭. ଶ୍ରୀଜଗନ୍ନାଥ ମନ୍ଦିର କିପରି ଓଡ଼ିଶାର ଧର୍ମ ଓ ସଂସ୍କୃତିର କେନ୍ଦ୍ର ହୋଇପାରିଛି ?

### ୪.୪.୨ ମୂଳପାଠର ଶେଷ ଭାଗ ଉପରେ ବ୍ୟାକରଣଗତ ପ୍ରଶ୍ନାବଳୀ

୧. ନିମ୍ନଲିଖିତ ଶବ୍ଦରେ କେଉଁ କେଉଁ ପ୍ରତ୍ୟୟ ଯୁକ୍ତ ହୋଇଅଛି ଦର୍ଶାନ୍ତୁ—
ଭାରତୀୟ, ସ୍ୱତନ୍ତ୍ରତା, ପ୍ରାକୃତିକ, କୃତିତ୍ୱ, ସୌନ୍ଦର୍ଯ୍ୟ ।

୨. ପ୍ରକୃତି ପ୍ରତ୍ୟୟ (ମୂଳଧାତୁ ଓ ଯୁକ୍ତ ପ୍ରତ୍ୟୟ) ନିର୍ଦ୍ଦେଶ କରନ୍ତୁ—
ବୃତ୍ତି, ନୃତ୍ୟ, ପୂଜିତ, ଦୃଷ୍ଟି, ପାଳିତ, ଛୁଆଁ, ଯୋଗ, ଦାନ ।

୩. ନିମ୍ନୋକ୍ତ ଶବ୍ଦମାନଙ୍କରେ ଥିବା ଉପସର୍ଗ ଚିହ୍ନାଇ ଦିଅନ୍ତୁ—
ବୈଶିଷ୍ଟ୍ୟ, ନିର୍ମାଣ, ଆଗ୍ରହ, ଆୟୁଧ, ବିଭିନ୍ନ, ପ୍ରବେଶ ।

୪. ଭ୍ରମ ଥିଲେ ସଂଶୋଧନ କରନ୍ତୁ—
କ୍ଷତ୍ରୀୟ, ସାଜସଜ୍ଜା, ସାମଗ୍ରି, ପରିବେଶଣ, ଐତିହ୍ୟ, ସୌନ୍ଦର୍ଯ୍ୟାନୁରାଗ, ବର୍ତ୍ତମାନ, ଦୃଷ୍ଟିଭଙ୍ଗି ।

୫. ତଳେ ଶୁଦ୍ଧ ଶବ୍ଦ ଓ ଅଶୁଦ୍ଧ ଶବ୍ଦ ମିଶି ରହିଛି । କିଏ ଶୁଦ୍ଧ କିଏ ଅଶୁଦ୍ଧ ଚିହ୍ନାଇ ଦିଅନ୍ତୁ । ଅଶୁଦ୍ଧ ଶବ୍ଦକୁ ଶୁଦ୍ଧ କରି ଲେଖନ୍ତୁ—
ସାମରିକବାଦୀ, କୃତୀତ୍ୱ, ମାର୍ଗଶୀର, ମନଭାବ, ମୂର୍ତ୍ତି ।

୬. ନିମ୍ନଲିଖିତ ଶବ୍ଦ ବ୍ୟବହାର କରି ବାକ୍ୟ ଗଠନ କରନ୍ତୁ—
ଦଣ୍ଡାୟମାନ, ଯୁଦ୍ଧାସ୍ତ୍ର, ସୌନ୍ଦର୍ଯ୍ୟପ୍ରୀତି, ପ୍ରତିଫଳନ, ସମନ୍ୱୟ ।

## ୪.୫ ସାରାଂଶ

ଧଉଳିଗିରିର ପ୍ରାଚୀନ ନାମ ଥିଲା ସୁରଭ ପର୍ବତ । ଏହିଠାରେ ପ୍ରସିଦ୍ଧ କଳିଙ୍ଗ ଯୁଦ୍ଧ ହୋଇଥିଲା । ସେ ସମୟରେ ଓଡ଼ିଶା କଳିଙ୍ଗ ନାମରେ ପରିଚିତ ଥିଲା । ଅଶୋକ ଯୁଦ୍ଧରେ ଜିଣିବା ପରେ ଖ୍ରୀ:ପୂ: ୨୬୧ ଅବ୍ଦରେ ଧଉଳି ପର୍ବତ ଗାତ୍ରରେ ଶିଳାଲେଖ ଖୋଳାଇ ଥିଲେ । ସେ ଜଉଗଡ଼ଠାରେ ଆଉ ଗୋଟିଏ ଶିଳାଲେଖ ଖୋଳାଇ ଥିଲେ । କଳିଙ୍ଗ ଯୁଦ୍ଧର ବର୍ଣ୍ଣନାରୁ କଳିଙ୍ଗ ଅଧିବାସୀମାନଙ୍କର ଏକତା, ବୀରତ୍ୱ ଓ ସ୍ୱଦେଶପ୍ରୀତିର ସଙ୍କେତ ମିଳେ । ଏହି ଯୁଦ୍ଧ ସମୟରେ କଳିଙ୍ଗରେ କୌଣସି ରାଜା ଥିବାର ଉଲ୍ଲେଖ ନାହିଁ । ତେଣୁ ଏହି ସମୟରେ ଏଠାରେ ଗଣତନ୍ତ୍ର ଶାସନ ପ୍ରଚଳିତ ଥିବାର ଅନୁମାନ କରାଯାଏ । ଅଶୋକଙ୍କ ଶିଳାଲେଖ ଓ କଳିଙ୍ଗବାସୀଙ୍କ ସଂଗ୍ରାମରୁ ସେ ସମୟରେ ଓଡ଼ିଆ ସମାଜରେ ଜୀବନାଦର୍ଶ ଓ ମୂଲ୍ୟବୋଧର ସୂଚନା ମିଳେ । ଅଶୋକଙ୍କ ପୂର୍ବରୁ କଳିଙ୍ଗ ବା ଓଡ଼ିଶାରେ ଜୈନ, ବୌଦ୍ଧ ଓ ହିନ୍ଦୁ ଧର୍ମ ଚଳୁଥିଲା । ଅଶୋକ ବୌଦ୍ଧ ଧର୍ମର ପୃଷ୍ଠପୋଷକତା କରୁଥିଲେ ।

ଖଣ୍ଡଗିରି ଓ ଉଦୟଗିରିକୁ ଗିରିଯୁଗ୍ମ କୁହାଯାଏ । ଉଦୟଗିରିଠାରେ ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖ ଅଛି । ସେ ଏଠାରେ ଅନେକ ଗୁମ୍ଫା ଖୋଳାଇଥିଲେ । ସେ ଜଣେ ବୀର, ସୁଶାସକ ଓ ନୃତ୍ୟ-ସଙ୍ଗୀତ ପ୍ରିୟ ସମ୍ରାଟ ଥିଲେ । ରାଣୀଗୁମ୍ଫାରେ ରାଜା ନୃତ୍ୟ, ସଙ୍ଗୀତ ଓ ଅଭିନୟ ଉପଭୋଗ କରୁଥିବା ଦୃଶ୍ୟ ଖୋଦିତ ହୋଇଛି । ଶିଳାଲେଖରେ ମଧ୍ୟ ତାର ସୂଚନା ନିହିତ । ଏଥିରୁ ନୃତ୍ୟ ସଙ୍ଗୀତ ପ୍ରତି ଓଡ଼ିଆ ସମାଜର ମନୋଭାବ ଓ ଏଥିଲାଗି ରାଜକୀୟ ପୃଷ୍ଠପୋଷକତାର ସଙ୍କେତ ମିଳେ ।

ଭୁବନେଶ୍ୱର ଗୋଟିଏ ମନ୍ଦିରମାଳିନୀ ନଗରୀ । ଏଠାରେ ଖ୍ରୀଷ୍ଟୀୟ ଷଷ୍ଠରୁ ପଞ୍ଚଦଶ ଶତାବ୍ଦୀ ମଧ୍ୟରେ ବହୁ ମନ୍ଦିର ନିର୍ମିତ ହୋଇଛି । ଏଗୁଡ଼ିକ ପ୍ରାୟ ଶୈବ ମନ୍ଦିର । ଏହି ମନ୍ଦିର ଗାତ୍ରରେ ଥିବା ନଟରାଜ ମୂର୍ତ୍ତି ଭାରତର ଅନ୍ୟତ୍ର ମିଳୁଥିବା ନଟରାଜ ପରି ପ୍ରଚଣ୍ଡ ତାଣ୍ଡବରତ ନୁହଁନ୍ତି, ଶାନ୍ତ ନଟରାଜ । ଭୁବନେଶ୍ୱର ଓ କୋଣାର୍କର ମନ୍ଦିରମାନଙ୍କରେ ବିଭିନ୍ନ ଭଙ୍ଗୀରେ ଥିବା ବହୁ ନର୍ତ୍ତକୀ ମୂର୍ତ୍ତି ଖୋଦିତ ହୋଇଛି । ଓଡ଼ିଶାରେ ମନ୍ଦିରମାନଙ୍କରେ ନୃତ୍ୟ ସଙ୍ଗୀତ ପ୍ରଦର୍ଶନର ପରମ୍ପରା ଥିଲା । ଓଡ଼ିଶୀ ନୃତ୍ୟ ଓ ଓ ସଙ୍ଗୀତ ସେହି ପରମ୍ପରାର ଅବଦାନ । ଓଡ଼ିଶା ବା କଳିଙ୍ଗର ମନ୍ଦିର ନିର୍ମାଣର ସ୍ୱତନ୍ତ୍ର ଶୈଳୀ ଅଛି । ଏହାକୁ କଳିଙ୍ଗ ଶୈଳୀ କୁହାଯାଏ । ଏଥିରୁ ଓଡ଼ିଆ ସଂସ୍କୃତିର ସତ୍ୟ-ଶିବ-ସୁନ୍ଦର ପ୍ରତି ଆଦରଭରା ମନୋଭାବର ସଙ୍କେତ ମିଳେ । ଓଡ଼ିଶାର ରାଜାମାନେ ନିଜର ପ୍ରାସାଦ ନିର୍ମାଣରେ ଅର୍ଥ ବ୍ୟୟ ନକରି ମନ୍ଦିର ନିର୍ମାଣରେ ବ୍ୟୟ କରୁଥିଲେ । ଏହା ରାଜକୀୟ ପରମ୍ପରା ଥିଲା ।

ବୌଦ୍ଧ ଯୁଗରେ ଓଡ଼ିଶାରେ ଅନେକ ବିହାର ନିର୍ମିତ ହୋଇଥିଲା । ବିରୂପା ନଦୀକୂଳରେ ରତ୍ନଗିରି, ଲଳିତଗିରି ଓ ଉଦୟଗିରିଠାରେ ଖ୍ରୀଷ୍ଟୀୟ ଷଷ୍ଠରୁ ଏକାଦଶ ଶତାବ୍ଦୀ ପର୍ଯ୍ୟନ୍ତ ବୌଦ୍ଧ କଳା ଓ ଧର୍ମର ଗୋଟିଏ କେନ୍ଦ୍ର ଥିଲା । ସେଠାରେ ପ୍ରତ୍ନତାତ୍ତ୍ୱିକ ଭୂଖୋଦିତ ଫଳରେ ବହୁ ତଥ୍ୟ ମିଳିଛି । ଏଠାରେ ପଥର କାରିଗରମାନଙ୍କର ବସତି ଅଛି । ସେମାନେ ଏବେ ମଧ୍ୟ ପଥରରେ ବିଭିନ୍ନ ଆକାରର ସୁନ୍ଦର ସୁନ୍ଦର ମୂର୍ତ୍ତି ଗଠନ କରୁଛନ୍ତି । କଳିଙ୍ଗର ଶିଳା ଶିଳ୍ପର ପରମ୍ପରା ଏପର୍ଯ୍ୟନ୍ତ ଅବ୍ୟାହତ ଅଛି । ଓଡ଼ିଶାରେ ନାରୀମାନେ ନୃତ୍ୟ ପରି ସମର ପ୍ରତି ମଧ୍ୟ ଆଗ୍ରହିଣୀ ଥିଲେ । ରତ୍ନଗିରିର ଖଡ୍ଗହସ୍ତା ଦ୍ୱାରପାଳିକା ଓ ମୁକ୍ତେଶ୍ୱରର ଅଶ୍ୱାରୋହିଣୀ ନାରୀ ମୂର୍ତ୍ତିରୁ ଏହାର ନିଦର୍ଶନ ମିଳେ । କୋଣାର୍କର ଯୁଦ୍ଧାଶ୍ୱ ଓ ହସ୍ତୀ ମୂର୍ତ୍ତି, ବିଭିନ୍ନ ମନ୍ଦିର ଗାତ୍ରରେ ଥିବା ଯୁଦ୍ଧଯାତ୍ରାର ଦୃଶ୍ୟ ଓ ନୃତ୍ୟ ପ୍ରଦର୍ଶନ ଦୃଶ୍ୟରୁ ଓଡ଼ିଆ ସଂସ୍କୃତିରେ ସଙ୍ଗୀତ ଓ ସମର ପ୍ରୀତିର ନିଦର୍ଶନ ମିଳେ । ଓଡ଼ିଆ ସମାଜରେ ବିଭିନ୍ନ ଜାତି ମଧ୍ୟରେ ସାମରିକ ପଦବୀକୁ ଲକ୍ଷ୍ୟ କଲେ ଜଣାଯାଏ ଯେ ସାମାଜିକ ଜୀବନର ପ୍ରତ୍ୟେକ ସ୍ତରରେ ସମର ପ୍ରବେଶ କରିଥିଲା ଓ ସମାଜର ପ୍ରତ୍ୟେକ ସମର୍ଥ ଲୋକ ଦେଶର ରକ୍ଷା ଓ ରାଜ୍ୟ ଜୟରେ ଯୋଗ ଦେଉଥିଲେ ।

ସୀତାବିଞ୍ଜିର ଭିତ୍ତିଚିତ୍ର, ଚିତ୍ରକରମାନଙ୍କ ଦ୍ୱାରା ଅଙ୍କିତ ପଟଚିତ୍ର ଏବଂ ବିଭିନ୍ନ ଓଷାବ୍ରତ ପର୍ବପର୍ବାଣୀରେ ଓଡ଼ିଆ ଲଳନାଙ୍କର ଚିତା, ଝୋଟି, ମୁରୁଜ ଇତ୍ୟାଦି ଦେଖିଲେ ଚିତ୍ରକଳା ପ୍ରତି ଓଡ଼ିଆ ସମାଜର ଅନୁରାଗ ଓ ସେହି ପରମ୍ପରାର ନିରବଚ୍ଛିନ୍ନତାର ସୂଚନା ମିଳେ । ରାଜା, ଜମିଦାର ଓ ମଠ ମନ୍ଦିରର ରକ୍ଷକମାନେ ମଧ୍ୟ ଏହାର ପୃଷ୍ଠପୋଷକତା କରୁଥିଲେ । ଫଳରେ ଚିତ୍ରକରମାନେ ଉଆସ ଓ ମଠ ମନ୍ଦିର ପ୍ରଭୃତିର କାନ୍ଥରେ ଚିତ୍ର ଅଙ୍କନ କରୁଥିଲେ ।

ମାଟି, ପଥର, କାଠ, ବିଭିନ୍ନ ଧାତୁ ଏବଂ ନାନାବିଧ ଉପାଦାନକୁ ନେଇ ଶିଳ୍ପ ଓ ଆବଶ୍ୟକ ଜିନିଷ ପ୍ରସ୍ତୁତ କରିବାର ପରମ୍ପରା ଏପର୍ଯ୍ୟନ୍ତ ଓଡ଼ିଆ ସମାଜରେ ପ୍ରଚଳିତ । ଏହା ପରମ୍ପରାକ୍ରମେ ଶିକ୍ଷା କରାଯାଇଛି ଓ ଅଭ୍ୟାସ କରାଯାଉଛି । ତେଣୁ ଏହାକୁ ଓଡ଼ିଶାର ଐତିହ୍ୟ ବୋଲି କୁହାଯାଇପାରେ ।

ଓଡ଼ିଶାର ଓଷାବ୍ରତ ପର୍ବପର୍ବାଣୀରେ ଓଡ଼ିଆ ସମାଜର ସୌନ୍ଦର୍ଯ୍ୟପ୍ରୀତି, ଆକାଙ୍‌କ୍ଷା ଓ ଚିନ୍ତାର ପ୍ରତିଫଳନ ଲକ୍ଷ୍ୟ କରାଯାଏ । ଓଡ଼ିଆ ସାଧବମାନଙ୍କର ପାରିବାରିକ ଜୀବନ ଓ ବୋଇତ ବାଣିଜ୍ୟ ବିଷୟ କେତେକ ଓଷାବ୍ରତ କଥାରେ ପ୍ରତିଫଳିତ ହୋଇଛି । ମାର୍ଗଶିର ମାସ ଲକ୍ଷ୍ମୀପୂଜା କଥାରେ ଛୁଆଁ ଅଛୁଆଁ ଭେଦଭାବର ଅସାରତା ବର୍ଣ୍ଣିତ ହୋଇଛି । ଏହି କଥାରେ ଜଗନ୍ନାଥଙ୍କ ମନ୍ଦିରରୁ ଜାତିଭେଦ ଉଠାଇବାରେ ମହାଲକ୍ଷ୍ମୀଙ୍କ ଭୂମିକା ବର୍ଣ୍ଣିତ ହୋଇଛି । ଜଗନ୍ନାଥ ମନ୍ଦିର ଓଡ଼ିଶାର ଧର୍ମ ଓ ସଂସ୍କୃତିର କେନ୍ଦ୍ର । ଏଠାରେ ଶବର, ଜୈନ, ବୌଦ୍ଧ ଓ ହିନ୍ଦୁ ପରମ୍ପରାର ସମନ୍ୱୟ ଘଟିଛି ।

ଓଡ଼ିଶାର ସଂସ୍କୃତି ଭାରତୀୟ ସଂସ୍କୃତିର ଆଞ୍ଚଳିକ ରୂପ । ଭାରତର ପୂର୍ବ ଉପକୂଳରେ ଏହି ସଂସ୍କୃତି ନିରବଚ୍ଛିନ୍ନ ଭାବରେ ବିକାଶ ଲାଭ କରି ଚାଲିଛି । ଓଡ଼ିଆ ସଂସ୍କୃତିରେ ଓଡ଼ିଆ ସମାଜର ମୂଲ୍ୟବୋଧ, ଜୀବନାଦର୍ଶ ଓ ସତ୍ୟ-ଶିବ-ସୁନ୍ଦର ପ୍ରତି ମନୋଭାବର ପରିଚୟ ମିଳେ । ଓଡ଼ିଶାର କଳା, ସାହିତ୍ୟ, ଧର୍ମ, ବିଶ୍ୱାସ ପ୍ରଭୃତି 'ବର୍ତ୍ତମାନ' ପାଇଁ 'ଅତୀତ'ର ଅବଦାନ ।

## ୪.୬ ଶବ୍ଦାର୍ଥ

ସମ୍ପ୍ରତି=ବର୍ତ୍ତମାନ । ଶିଳାଲେଖ=ପଥର ଦେହରେ ଲେଖା ଯାଇଥିବା ପାଠ । କୃତସଂକଳ୍ପ= ସଂକଳ୍ପବଦ୍ଧ, ଶପଥବଦ୍ଧ । ହିଂସ୍ର=ହିଂସାପରାୟଣ । ନରସଂହାରକ=ମନୁଷ୍ୟଘାତକ । ପରିଣତି= ଶେଷଫଳ । ପୃଷ୍ଠପୋଷକତା=ସହାୟକତା । ନିର୍ଭରଯୋଗ୍ୟ=ବିଶ୍ୱାସଯୋଗ୍ୟ । ମୂଲ୍ୟବୋଧ=ମହତ୍ତ୍ୱ

ବୁଝିବାର ଶକ୍ତି । ଗିରିଯୁଗ୍ମ=ପର୍ବତ ଦୁଇଟି । ବିଦ୍ୟମାନ=ବିରାଜିତ । ଅଗ୍ରସର=ଆଗୁଆ, ଉଦ୍ୟତ । ନୃତ୍ୟାନୁରାଗ=ନାଚ ପ୍ରତି ଆଗ୍ରହ । ପ୍ରକୋଷ୍ଠ=କୋଠରି । ଚନ୍ଦ୍ରାତପ—ଚାନ୍ଦୁଆ । ନିଦର୍ଶନ=ସଙ୍କେତ । ପ୍ରତ୍ନତତ୍ତ୍ୱବିତ୍=ପ୍ରାଚୀନ ତଥ୍ୟ ଜାଣିଥିବା ବ୍ୟକ୍ତି । ବଶୀଭୂତ=ଅଧୀନତା ସ୍ୱୀକାର କରିଥିବା । କାଳଭୁଜଙ୍ଗ=କାଳସର୍ପ । ଉତ୍ତରୀୟ=ଓଢ଼ଣୀ । ମୋଦକ=ମୁଆଁ, ଲଡ୍ଡୁ । ଉତ୍କୃଷ୍ଟ=ଉତ୍ତମ । ନିଦର୍ଶନ=ଚିହ୍ନ । ସୂର୍ଯ୍ୟବିଗ୍ରହ=ସୂର୍ଯ୍ୟମୂର୍ତ୍ତି । ବୃହଦାକାର=ବିରାଟ ଆକାର । ରତ୍ନଖଣ୍ଡ=ସୁନାହାଣ୍ଡି । ଆୟୁଧ=ଅସ୍ତ୍ର । ବିନ୍ୟାସ=ସଜ୍ଜୀକରଣ । ସମନ୍ୱୟ=ମିଶ୍ରଣ । ସ୍ୱାତନ୍ତ୍ର୍ୟ=ବିଶେଷତ୍ୱ । ନିରବଚ୍ଛିନ୍ନ=ଅନବରତ ।

## ୪.୭ ପଠନ ଅଭ୍ୟାସ

୧. ମୂଳପାଠକୁ ଭଲଭାବରେ ଅଧ୍ୟୟନ କରି ନିମ୍ନଲିଖିତ ଶବ୍ଦଗୁଡ଼ିକ କେଉଁ ପ୍ରସଙ୍ଗରେ ବ୍ୟବହୃତ ହୋଇଅଛି ଉଲ୍ଲେଖ କରନ୍ତୁ—

ସାମୂହିକ ବିଚାର, ମୂଲ୍ୟବୋଧ, କାରିଗରିବିଦ୍ୟା, ବିତର୍କିତବିଷୟ, ଐତିହ୍ୟ, ଶିଶୁପାଳଗଡ଼, ଗିରିଯୁଗ୍ମ, ଗାନ୍ଧର୍ବବିଦ୍ୟା, ଦର୍ପନୃତ୍ୟ, ଯୋଗେଶ୍ୱର ।

୨. ମୂଳପାଠ ପଢ଼ି ନିମ୍ନଲିଖିତ ଶବ୍ଦଗୁଡ଼ିକ ଉପରେ ସଂକ୍ଷିପ୍ତ ଟିପ୍ପଣୀ ଲେଖନ୍ତୁ—

ଜଉଗଡ଼, ଧଉଳିଗିରି, ରାଣୀଗୁମ୍ଫା, ନଟରାଜମୂର୍ତ୍ତି, ପୁଷ୍ପଗିରି, ଲଳିତଗିରି, ସୀତାବିଞ୍ଜି, ଖୁଦୁରୁକୁଣୀ ଓଷା ।

## ୪.୮ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତର–

ନିମ୍ନରେ କେତେଗୋଟି ପ୍ରଶ୍ନ ଦିଆଯାଇଛି । ପ୍ରଥମେ ଏହି ପ୍ରଶ୍ନଗୁଡ଼ିକର ଉତ୍ତର ନିଜେ କରନ୍ତୁ । ପ୍ରଶ୍ନ ଶେଷରେ ଉତ୍ତର ଦିଆଯାଇଛି । ପ୍ରଥମେ ଏହି ଉତ୍ତରଗୁଡ଼ିକୁ ଦେଖନ୍ତୁ ନାହିଁ । ନିଜେ ଉତ୍ତର କରି ସାରିଲା ପରେ ନିଜ ଉତ୍ତର ଠିକ୍ ଅଛି କି ଭୁଲ ଅଛି; ଜାଣିବା ପାଇଁ ଶେଷରେ ଦିଆଯାଇଥିବା ଉତ୍ତର ସହିତ ମିଳାଇ ଦେଖନ୍ତୁ ।

**ପ୍ରଶ୍ନ :**

୧. କଳିଙ୍ଗ ଯୁଦ୍ଧ କେବେ ଓ କାହା ମଧ୍ୟରେ ହୋଇଥିଲା ?

୨. ଏହି ଯୁଦ୍ଧରେ କଳିଙ୍ଗରେ କେତେ ପରିମାଣରେ ସୈନ୍ୟ ନିହତ ଓ ବନ୍ଦୀ ହୋଇଥିଲେ ?

୩. କଳିଙ୍ଗ ଯୁଦ୍ଧର ପରିଣତି ଦେଖି ଅଶୋକ କ'ଣ କରିଥିଲେ ?

୪. ଅଶୋକଙ୍କ କଳିଙ୍ଗ ଯୁଦ୍ଧର ବର୍ଣ୍ଣନାରୁ କଳିଙ୍ଗ ଅଧିବାସୀମାନଙ୍କ ସମ୍ପର୍କରେ କ'ଣ ଜଣାଯାଏ ?

୫ ଖାରବେଳ କେବେ କଳିଙ୍ଗର ଅଧିପତି ଥିଲେ ?

୬. ହାତୀଗୁମ୍ଫା ଶିଳାଲେଖରେ କାହା ବିଷୟ ଲେଖାଯାଇଛି ?

୭. ଖାରବେଳ ରାଜତ୍ୱର ଦ୍ୱିତୀୟ ଓ ତୃତୀୟ ବର୍ଷ କ'ଣ କରିଥିଲେ ?

**ଉତ୍ତର**

୧. କଳିଙ୍ଗଯୁଦ୍ଧ ଖ୍ରୀଷ୍ଟପୂର୍ବ ୨୬୧ ଅବ୍ଦରେ କଳିଙ୍ଗ ଅଧିବାସୀ ଓ ଅଶୋକଙ୍କ ମଧ୍ୟରେ ହୋଇଥିଲା ।

୨. ଏହି ଯୁଦ୍ଧରେ କଳିଙ୍ଗର ପ୍ରାୟ ଏକ ଲକ୍ଷ ସୈନ୍ୟ ନିହତ ଓ ପ୍ରାୟ ଦେଢ଼ ଲକ୍ଷ ସୈନ୍ୟ ବନ୍ଦୀ ହୋଇଥିଲେ ।

୩. କଳିଙ୍ଗ ଯୁଦ୍ଧର ପରିଣତି ଦେଖି ଅଶୋକ ଅନୁତପ୍ତ ହୋଇଥିଲେ । ସେ ବୌଦ୍ଧ ଧର୍ମରେ ଦୀକ୍ଷିତ ହୋଇ ଆଦର୍ଶ ଜୀବନ-ଯାପନ କରିଥିଲେ । ତାଙ୍କର ରାଜନୀତି ଭିନ୍ନ ମୋଡ଼ ନେଇଥିଲା । ରାଜତ୍ୱର ମୂଳମନ୍ତ୍ର ହୋଇଥିଲା—ଜୀବେଦୟା, ମାନବବାଦ, ପ୍ରେମ ଓ ଅହିଂସା ।

୪. ଅଶୋକଙ୍କ କଳିଙ୍ଗ ଯୁଦ୍ଧର ବର୍ଣ୍ଣନାରୁ ଜଣାଯାଏ ଯେ, କଳିଙ୍ଗ ଅଧିବାସୀମାନଙ୍କର ଏକତା, ଦେଶପ୍ରେମ ଓ ବୀରତ୍ୱ ଥିଲା ଅପୂର୍ବ । ପ୍ରାୟ ଏକ ଲକ୍ଷ ସୈନ୍ୟ ନିହତ, ପ୍ରାୟ ଦେଢ଼ ଲକ୍ଷ ସୈନ୍ୟ ବନ୍ଦୀ ଓ ବହୁ ସଂଖ୍ୟାରେ ସୈନ୍ୟ ଆହତ ହୋଇଥିଲେ ମଧ୍ୟ ସେମାନେ ଆତ୍ମସମର୍ପଣ କରିନଥିଲେ ।

୫. ଖାରବେଳ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ କଳିଙ୍ଗର ଅଧିପତି ଥିଲେ ।

୬. ହାତୀଗୁମ୍ଫା ଶିଳାଲେଖରେ ଖାରବେଳଙ୍କ ବିଷୟ ଲେଖାଯାଇଛି ।

୭. ଖାରବେଳ ରାଜତ୍ୱର ଦ୍ୱିତୀୟ ବର୍ଷରେ ପଶ୍ଚିମ ଦିଗକୁ ଅଶ୍ୱ, ଗଜ, ନର, ରଥ ସହ ବିଶାଳ ସେନା ପ୍ରେରଣ କରିଥିଲେ । ସେମାନେ କୃଷ୍ଣାବେଣୀ ପର୍ଯ୍ୟନ୍ତ ବିଜୟ ଅଭିଯାନରେ ଅଗ୍ରସର ହୋଇଥିଲେ । ସେ ରାଜତ୍ୱର ତୃତୀୟ ବର୍ଷରେ ଗାନ୍ଧର୍ବ-ବିଦ୍ୟା-ପ୍ରବୀଣ ବ୍ୟକ୍ତିମାନଙ୍କ ସାହାଯ୍ୟରେ ଦର୍ପ ନୃତ୍ୟ, ଗୀତ, ବାଦ୍ୟ ସହ ବିବିଧ ପ୍ରଦର୍ଶନର ଆୟୋଜନ କରି ଉତ୍ସବ ଓ ସମାଜମାନ କରାଇଥିଲେ ।

## ୪.୯ ଉତ୍ତର ପ୍ରଦାନ ପାଇଁ ପ୍ରଶ୍ନାବଳୀ

୧. ସଂସ୍କୃତି କହିଲେ ଆପଣ କ'ଣ ବୁଝନ୍ତି ?

୨. ସଂସ୍କୃତି ଓ ସଭ୍ୟତା ମଧ୍ୟରେ କି ସମ୍ପର୍କ ରହିଛି ?

୩. ଖାରବେଳଙ୍କ ସମକାଳୀନ ଓଡ଼ିଶାର ସାଂସ୍କୃତିକ ବୈଶିଷ୍ଟ୍ୟ ଉଲ୍ଲେଖ କରନ୍ତୁ ।

୪. ଭୁବନେଶ୍ୱର ନଟରାଜ ମୂର୍ତ୍ତିର ବିଶେଷତ୍ୱ କ'ଣ ?

୫. କୋଣାର୍କର ସୂର୍ଯ୍ୟ ମନ୍ଦିର କେଉଁ ସାଂସ୍କୃତିକ ମହତ୍ତ୍ୱ ପାଇଁ ପ୍ରସିଦ୍ଧ ?

୬. ଲଳିତଗିରି ଓ ଉଦୟଗିରି କାହିଁକି ପ୍ରସିଦ୍ଧ ?

୭. ଓଡ଼ିଶାର ମନ୍ଦିର-ନିର୍ମାଣ ଶୈଳୀରେ କି ସ୍ୱତନ୍ତ୍ରତା ରହିଛି ?

୮. ସୀତାବିଞ୍ଜିର ଭିତ୍ତିଚିତ୍ରର ବିଶେଷତ୍ୱ କ'ଣ ?

୯. ଶୂନ୍ୟସ୍ଥାନ ପୂରଣ କରନ୍ତୁ—

ବୌଦ୍ଧ ଦେବୀ— ଓ ହିନ୍ଦୁ ଦେବୀ — ଶସ୍ୟ ଓ ସମ୍ପଦର ଦେବୀ ଭାବରେ ବିରାଜମାନା । ଝଙ୍କଡରେ ଶାରଳାଙ୍କ ହସ୍ତରେ ବୀଣା ପୁସ୍ତକ ସହିତ — ଅଛି । ରତ୍ନଗିରିରେ — ମହାବିହାର ଥିବାର ଜଣାଯାଏ ।

୧୦. 'କ' ସ୍ତମ୍ଭରେ ଥିବା ଶବ୍ଦ ସହିତ 'ଖ' ସ୍ତମ୍ଭରେ ଥିବା ଉପଯୁକ୍ତ ଶବ୍ଦ ଯୋଡ଼ି ବାକ୍ୟ ରଚନା କରନ୍ତୁ—

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଖାରବେଳ | କାଳଭୁଜଙ୍ଗ |
| ମୁକ୍ତେଶ୍ୱର | ବଜ୍ରତାରା |
| ଜଗନ୍ନାଥ | କୃଷ୍ଣାବେଣୀ |
| ଭାରତ ବନ୍ଦନା | ଖଡ୍‌ଗହସ୍ତା |
| ରତ୍ନଗିରି | ସଂସ୍କୃତ |
| ଲଳିତଗିରି | ସମନ୍ୱୟ |